بسم الله الرحمٰن الرحيم

**ଖୁତବା ଜୁମା ୬ମାର୍ଚ୍ଚ ୨୦୨୦ର ସାରାଂଶ**

**ସ୍ଥାନ-ମସ୍‌ଜିଦ୍ ମୁବାରକ, ଇସଲାମାବାଦ୍, ଟେଲଫୋର୍ଡ୍**

## *ଆଁହଜ଼ରତ୍ ସ.ଅଙ୍କ ସର୍ବୋଚ୍ଚ ତଥା ପଦମର୍ଯ୍ୟାଦା ସଂପନ୍ନ ସାହବି ହଜ଼ରତ୍ ମୁସ୍‌ଅବ୍ ବିନ୍ ଉମୈର୍ ର.ଅଙ୍କ ପ୍ରଶଂସନୀୟ ଗୁଣାବଳୀର ବିଶ୍ୱାସବର୍ଦ୍ଧ ଓ ମନମୁଗ୍ଧକର ଚର୍ଚ୍ଚା ।*

ତଶହୁଦ୍, ତଉଜ୍ ଏବଂ ସୁରଃ ଫାତିହାର ଆବୃତ୍ତି ଅନ୍ତେ ହୁଜ଼ୁର ଅନୱର ଅୟେଦହୁଲ୍ଲାଃହୁ ତାଆଲା ବିନସ୍ରେହିଲ୍ ଅଜ଼ିଜ୍ କହିଲେ : ଗତ ଖୁତବାରେ ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ଚର୍ଚ୍ଚା ଚାଲିଥିଲା। ଯାହାର କିଛି ଅଂଶ ରହିଯାଇଥିଲା ଯାହାକୁ ଆଜି ମୁଁ ବର୍ଣ୍ଣନା କରିବି । ହଜ଼ରତ ମୁସଅବ୍ ବିନ୍ ଉମୈର୍ ର.ଅଙ୍କ ସଂପର୍କରେ ହଜ଼ରତ ମୁସେଲହ୍ ମଉଦ୍ ର.ଅ ଉଲ୍ଲେଖ କରି କୁହନ୍ତି ଯେ, ତାଙ୍କୁ ମୁବଲ୍ଲିଗ୍ ରୂପେ ମଦିନାକୁ ପ୍ରେରଣ କରାଯାଇଥିଲା ଏବଂ ତାଙ୍କ ସେବା ସଂପର୍କରେ ଉଲ୍ଲେଖ କରି ମୁସଲେହ୍ ମଉଦ୍ ର.ଅ କହିଲେ ଯେ, ହଜ୍ ଅବସରରେ ଯେତେବେଳେ ଆରବର ଚତୁର୍ପାର୍ଶ୍ୱରୁ ମକ୍କାରେ ହଜ୍ ପାଇଁ ଲୋକମାନେ ଏକତ୍ରିତ ହେବାକୁ ଲାଗିଲେ ସେତେବେଳେ ମୁହମ୍ମଦ୍ ରସୁଲୁଲ୍ଲାଃ ସ.ଅ ନିଜର ଅଭ୍ୟାସକ୍ରମେ ଯେଉଁଠି କିଛି ଲୋକ ଛିଡ଼ା ହେଉଥିବାର ଦେଖୁଥିଲେ ସେଠାକୁ ଯାଇ ସେମାନଙ୍କୁ ଏକେଶ୍ୱରବାଦ ବିଷୟରେ ଉପଦେଶ ଦେଉଥିଲେ ସେହି ପରିପ୍ରେକ୍ଷୀରେ ହୁଜ଼ୁର୍ ସ.ଅ ମିନାର ପାର୍ବତ୍ୟାଞ୍ଚଳରେ ବୁଲୁଥିଲେ କି ୬, ୭ ଜଣ ଲୋକମାନଙ୍କ ଉପରେ ଯେଉଁମାନେ ମଦିନାର ଅଧିବାସୀ ଥିଲେ ସେମାନଙ୍କ ଉପରେ ହୁଜ଼ୁର୍ ସ.ଅଙ୍କ ନଜର ପଡ଼ିଲା ।  ହୁଜ଼ୁର୍ ସ.ଅ ସେମାନଙ୍କୁ କହିଲେ, ଆପଣମାନେ କେଉଁ ସଂପ୍ରଦାୟର ଅଟନ୍ତି । ସେମାନେ ଉତ୍ତର ଦେଲେ ଯେ, ଆମେମାନେ ହେଉଛୁ ଖଜ଼ରଜ୍ ସଂପ୍ରଦାୟର ଲୋକ । ହୁଜ଼ୁର ସ.ଅ ସେହି ସଂପ୍ରଦାୟ ଇହୁଦୀମାନଙ୍କର ମିତ୍ର ଅଟେ । ସେମାନେ ଉତ୍ତର ଦେଲେ ହଁ । ହୁଜ଼ୁର ସ.ଅ କହିଲେ ଯେ, ଆପଣମାନେ ମୋ କଥାକୁ କିଛି ସମୟ ପାଇଁ ଶୁଣିବେ କି ? ସେମାନେ ହୁଜ଼ୁର ସ.ଅଙ୍କ ବିଷୟରେ କିଛି ଚର୍ଚ୍ଚା ଶୁଣିଥିଲେ ଏବଂ ମନରେ ହୁଜ଼ୁର ସ.ଅଙ୍କ ଦାବି ସହିତ ସେମାନେ ଅଭିରୁଚି ରଖୁଥିଲେ । ହୁଜ଼ୁର ସ.ଅ କହିଲେ ଯେ,  ଅଲ୍ଲାଃତାଲାଙ୍କ ଶାସନତ୍ୱ ନିକଟବର୍ତ୍ତି ହୋଇ ଆସୁଛି । ବର୍ତ୍ତମାନ ମୂର୍ତ୍ତିଗୁଡ଼ିକ ଭାଙ୍ଗି ଦିଆଯିବ ଏକେଶ୍ୱରବାଦକୁ ସଂସାରରେ ସଂସ୍ଥାପିତ କରାଯିବ ଏବଂ ଅଲ୍ଲାଃତାଲାଙ୍କ ଶାସନତ୍ୱ ନିକଟବର୍ତ୍ତି ହୋଇ ଆସୁଛି । ପୁଣ୍ୟ ଏବଂ ଧର୍ମପରାୟଣତାକୁ ପୁନର୍ବାର ପୃଥିବାରେ ସ୍ଥାପିତ ହେବ । କ'ଣ ମଦିନାବାସୀ ସେହି ମହାନ ପୁଣ୍ୟାତ୍ମା ଅବତାରଙ୍କୁ ସ୍ୱୀକାର ବା ଗ୍ରହଣ କରିବା ପାଇଁ ପ୍ରସ୍ତୁତ ଅଛନ୍ତି କି ? ସେହି ଲୋକମାନେ କହିଲେ ଯେ, ଆମ୍ଭେମାନେ ଆପଣଙ୍କ ଶିକ୍ଷାକୁ ଗ୍ରହଣ ତ' ଗ୍ରହଣ କରୁଛୁ । କିନ୍ତୁ ମଦିନାବାସୀ ଇସଲାମ ଧର୍ମକୁ ସୁରକ୍ଷା ଦେବା ପାଇଁ ପ୍ରସ୍ତୁତ  କି ନାହିଁ, ଏଥିପାଇଁ ଆମ୍ଭେମାନେ ସ୍ୱଦେଶ ଯାଇ ନିଜ ଜାତି ସହିତ କଥାବାର୍ତ୍ତା କରିବୁ, ତାହାହେଲେ ଆମ୍ଭେମାନେ ଆସନ୍ତା ବର୍ଷ ନିଜ ଜାତିର ନିଷ୍ପତ୍ତି ଆପଣଙ୍କୁ ଜଣାଇଦେବୁ । ଏହି ଲୋକମାନେ ସ୍ୱଦେଶକୁ ଫେରିଲେ ଏବଂ ନିଜର ବନ୍ଧୁ ଓ ପରିଜନମାନମଙ୍କୁ ତଥା ସାଙ୍ଗସାଥିମାନଙ୍କ ଗହଣରେ ହୁଜ଼ୁର ସ.ଅଙ୍କ ଶିକ୍ଷାର ଚର୍ଚ୍ଚା ଆରମ୍ଭ କରିଦେଲେ । ଇହୁଦୀମାନଙ୍କ ସହିତ ସଂପର୍କ ହେତୁ ଓ୍ୱସ୍ ଓ ଖଜ଼ରଜର ସଂପ୍ରଦାୟ ବାଇବେଲର ଭବିଷ୍ୟବାଣୀ ଶୁଣୁଥିଲେ । ଯେତେବେଳେ ଇହୁଦୀମାନେ ନିର ଦୁଃଖ ଯନ୍ତ୍ରଣା ତଥା ବିପଦ ଅବସ୍ଥା ସଂପର୍କରେ ବର୍ଣ୍ଣନା କରୁଥିଲେ ସେତେବେଳେ ଏହାର ଶେଷରେ ସେମାନେ ଏହା ମଧ୍ୟ କହୁଥିଲେ ଯେ, ଜଣେ ନବୀ ବା ବାର୍ତ୍ତାବହ ହଜ଼ରତ ମୁସା ଅ.ସଙ୍କ ପରି ସାମଞ୍ଜସ୍ୟ ରଖୁଥିବେ, ସେ ଆବିର୍ଭୂତ ହେବେ, ସେହି ସମୟଟୁ ବର୍ତ୍ତମାନେ ନିକଟବର୍ତ୍ତୀ ହୋଇ ଆସୁଛି । ଯେତେବେଳେ ସେହି ନବୀ ଆସିବେ ସେତେବେଳେ ଆମେମାନେ ପୁଣିଥରେ ପୁଥିବୀରେ ବିଜୟ ଲାଭ କରିବୁ । ଇହୁଦୀମାନଙ୍କର ଶତ୍ରୁ ଧ୍ୱଂସ ହୋଇଯିବେ । ଯେତେବେଳେ ମଦିନାବାସୀ ସେହି ହଜ୍ ତୀର୍ଥ ଯାତ୍ରୀମାନଙ୍କ ଠାରୁ ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଦାବି ଶୁଣିଲେ ଏବଂ ହୁଜ଼ୁର ସ.ଅଙ୍କ ଦାବିଗୁଡ଼ିକୁ ଶୁଣିଲେ ଏବଂ ହୁଜ଼ୁର ସ.ଅଙ୍କ ସତ୍ୟତା ସେମାନଙ୍କ ହୃଦୟରେ ପ୍ରବେଶ କଲା ଏବଂ ସେମାନେ କହିଲେ ଏ ତ' ସେହି ନବୀ ଜଣା ପଡୁଛନ୍ତି ଯାହାଙ୍କ ସମ୍ବନ୍ଧରେ ଇହୁଦୀମାନେ ଆମମାନଙ୍କୁ ସୁସମ୍ବାଦ ଦେଉଥିଲେ । ତେଣୁ ଅନେକ ଯୁବକମାନେ ଏହି କଥା ଶୁଣି ମୁହମ୍ମଦ ରସୁଲୁଲ୍ଲାଃ ସ.ଅଙ୍କ ଶିକ୍ଷାର ସତ୍ୟତା ଦ୍ୱାରା ପ୍ରଭାବିତ ହେଲେ ଏବଂ ଇହୁଦୀମାନଙ୍କ ଠାରୁ ଶୁଣିଥିବା ଭବିଷ୍ୟବାଣୀ ସେମାନଙ୍କ ବିଶ୍ୱାସ ଆଣିବାର ପଥ ସୁଗମ କରିଦେଇଥିଲା । ସୁତରାଂ ଆସନ୍ତା ବର୍ଷ ହଜ୍ ଅବସରରେ ମଦିନାବାସୀମାନେ ପୁନର୍ବରା ହଜ୍ ତୀର୍ଥକୁ ଗଲେ । ଏଥର ମଦିନାରୁ ୧୨ ଜଣ ବ୍ୟକ୍ତିମାନେ ଏହି ଅଭିପ୍ରେତ ରଖି ବାହାରିଲେ ଯେ, ସେମାନେ ଆଁହଜ଼ରତ ସ.ଅଙ୍କ ଧର୍ମରେ ଦୀକ୍ଷିତ ହୋଇଯିବେ ।  ସେହି ଲୋକମାନଙ୍କ ମଧ୍ୟରୁ ୧୦ ଜଣ ଖଜ଼ରଜ୍ ସଂପ୍ରଦାୟର ଥିଲେ ଏବଂ ଅନ୍ୟ ୨ ଜଣ ଅନ୍ୟ ସଂପ୍ରଦାୟର ଲୋକ

ଥିଲେ । ସେମାନେ ମିନାର ପାଦ ଦେଶରେ ହୁଜୁର ସ.ଅଙ୍କୁ ଭେଟିଲେ ଏବଂ ସେମାନେ ହୁଜୁର ସ.ଅଙ୍କ ହସ୍ତରେ ବୈଅତ କଲେ ଏବଂ କହିଲେ ଯେ, ସେମାନେ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କାହାରି ଉପାସନା କରିବେ ନାହିଁ । ସେମାନେ ଚୋରି କରିବେ ନାହିଁ, ସେମାନେ କୌଣସି ଅପକର୍ମ କରିବେ ନାହିଁ, ସେମାନେ କନ୍ୟା ହତ୍ୟା କରିବେ ନାହିଁ, ସେମାନେ ପରସ୍ପର ଉପରେ ଆରୋପ ପ୍ରତ୍ୟରୋପ କରିବେ ନାହିଁ, ସେମାନେ ଅଲ୍ଲାଃତାଲାଙ୍କ ଦ୍ୱରା ପ୍ରେରିତ ବାର୍ତ୍ତାବହଙ୍କର ଅନ୍ୟାନ୍ୟ ପୁଣ୍ୟ ଶିକ୍ଷାକୁ ଅବମାନନା କରିବେ ନାହିଁ ।

ଏହି ଲୋକମାନେ ମଦିନାକୁ ଫେରିଲେ ଏବଂ ନିଜ ସଂପ୍ରଦାୟରେ ତ୍ୱରାନ୍ୱିତ ଭାବେ ପ୍ରଚାର କରିବାକୁ ଆରମ୍ଭ କରିଦେଲେ । ମଦିନାର ଘରମାନଙ୍କ ମଧ୍ୟରୁ ମୂର୍ତ୍ତିଗୁଡ଼ିକୁ ବାହାର କରି ଫିଙ୍ଗି ଦିଆଗଲା ।  ମୂର୍ତ୍ତି ଆଗରେ ନତମସ୍ତକ ଥିବା ବ୍ୟକ୍ତିମାନେ ଏବେ ମୁଣ୍ଡ ଟେକି ଚାଲୁଥିଲେ । ଲୋକମାନଙ୍କର ମସ୍ତକ ଅଲ୍ଲାଃତାଲାଙ୍କ ବ୍ୟତୀତ ଅନ୍ୟ କୌଣସି ପ୍ରତିମୂର୍ତ୍ତି ଆଗରେ ଆନତ ହେବାକୁ ପ୍ରସ୍ତୁତ ନଥିଲେ । ଇହୁଦୀମାନେ ବିସ୍ମିତ ଥିଲେ ଯେ, ଶତାବ୍ଦୀ ଧରି ବନ୍ଧୁତ୍ୱତା ଓ ସହସ୍ର ବର୍ଷ ଧରି ପ୍ରଚାର ଦ୍ୱାରା ଯେଉଁ ପରିବର୍ତ୍ତନ ସେମାନ ଆଣି ପାରିନଥିଲେ । ଇସଲାମ ସେହି ପରିବର୍ତ୍ତନ କିଛି ଦିନରେ ହିଁ ସୃଷ୍ଟି କରିଦେଲା । ଏକେଶ୍ୱରବାଦର ଉପଦେଶ ମଦିନାବାସୀଙ୍କ ହୃଦୟରେ ବସା ବାନ୍ଧିବାକୁ ଲାଗିଲା । ଗୋଟେ ପରେ ଗୋଟେ ଲୋକମାନେ ଆସୁଥିଲେ ଏବଂ ମୁସଲମାନମାନଙ୍କୁ କହୁଥିଲେ ଯେ, ଆମକ ନିଜର ଧର୍ମ ବିଷୟରେ ଶିକ୍ଷା ଦିଅ । କିନ୍ତୁ ମଦିନାରେ ଇସଲାମ ଧର୍ମରେ ନବାଗତ ଦୀକ୍ଷିତ ହୋଇଥିବା ମୁସଲମାନମାନେ ସଠିକ୍ ରୂପେ ଅବଗତ ଥିଲେ ଓ ନା ସେମାନଙ୍କର ସଂଖ୍ୟା ଏତେ ଥିଲା ଯେ, ସେମାନେ ଶତାଧିକ, ହଜାରରୁ ଉର୍ଦ୍ଧ୍ୱ ଲୋକମାନଙ୍କୁ ଇସଲାମ ଧର୍ମ ସଂକ୍ରାନ୍ତରେ ବିସ୍ତୃତ ଭାବରେ ବତାଇ ପାରୁଥିଲେ । ତେଣୁ ସେମାନେ ମକ୍କାକୁ ଜଣେ ଲୋକ ପ୍ରେରଣ କଲେ ଏବଂ ଜଣେ ପ୍ରଚାରକ ନିମନ୍ତେ ଆବେଦନ କଲେ ଏବଂ ରସୁଲୁଲ୍ଲାଃ ସ.ଅ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ନିର୍ବାଚିତ କଲେ । ଯିଏ କି ହବଶା ପ୍ରବାସରୁ ଫେରି ଆସିଥିଲେ । ହୁଜୁର ସ.ଅ ତାଙ୍କୁ ମଦିନାରେ ପ୍ରଚାର କରିବା ପାଇଁ ପ୍ରେରଣ କଲେ । ମୁସଅବ୍ ର.ଅ ମକ୍କାରୁ ବହିଃର୍ଦେଶରେ ଇସଲାମ ଧର୍ମର ପ୍ରଥମ ପ୍ରଚାରକ ଭାବେ ପ୍ରସିଦ୍ଧି ଅର୍ଜନ କରିଥିଲେ ।

ପ୍ରବାସ ଆଦେଶ ଆସିବା ପରେ ହୁଜୁର ସ.ଅ ମଦିନା ଚାଲିଗଲେ । ମଦିନାକ ପ୍ରବାସ କରିବା ପରେ ରସୁଲୁଲ୍ଲାଃ ସ.ଅ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଏବଂ ହଜ଼ରତ ଅୟୁ୍ୟବ୍ ଅନସାରୀଙ୍କ ମଧ୍ୟରେ ମୈତ୍ରିକ ସଂପର୍କ ସ୍ଥାପନ କଲେ । ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ବଦର ଯୁଦ୍ଧ, ଓହୋଦ୍ ଯୁଦ୍ଧରେ ଶାମିଲ୍ ହୋଇଥିଲେ । ବଦର୍ ଯୁଦ୍ଧ ଓ ଓହୋଦ୍ ଯୁଦ୍ଧରେ ପ୍ରବାସାକୀରଙ୍କ ହାତରେ ଯେଉଁ ବିଶାଳ ଧ୍ୱଜା ରହିଥିଲା । ତାହା ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ପାଖରେ ଥିଲା । ଯାହାକୁ ରସୁଲୁଲ୍ଲାଃ ସ.ଅ ହଜ଼ରତ ମୁ ର.ଙ୍କୁ ପ୍ରଦାନ କରିଥିଲେ । ହଜ଼ରତ ମୁସଅବ୍ ଉମୈର ର.ଅ ଓହୋଦ୍ ଯୁଦ୍ଧରେ ପ୍ରାଣ ହରାଇ ବୀରଗତି ପ୍ରାପ୍ତ କରିଥିଲେ । ଓହୋଦ୍ ଯୁଦ୍ଧ ଦିନ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ରସୁଲୁଲ୍ଲାଃ ସ.ଅଙ୍କ ସମ୍ମୁଖରେ ଯୁଦ୍ଧ କରୁଥିଲେ ଏବଂ ଯୁଦ୍ଧ କରୁ କରୁ ସେ ଶହୀଦ୍ ହୋଇଯାଇଥିଲେ । ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ଇବ୍ନେ କ଼ିମିୟା ନାମକ ବ୍ୟକ୍ତି ଶହିଦ୍ କରିଥିଲା । ଇତିହାସରେ ଉଲ୍ଲେଖ ରହିଛି ଯେ, ଓହୋଦ୍ ଯୁଦ୍ଧ ଦିନ ଧ୍ୱଜାରୋହୀ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଧ୍ୱଜାର ସୁରକ୍ଷା ଭାର ସଠିକ୍ ଭାବେ ଗ୍ରହଣ କରିଥିଲେ । ଓହୋଦ୍ ଯୁଦ୍ଧ ଦିନ ହଜ଼ରତ ମୁସଅବ୍ ର.ଅ ଧ୍ୱଜା ଧରିଥିଲେ କି ଇବ୍ନେ କ଼ିମିୟ ଯିଏ ଅଶ୍ୱ ଉପରେ ଆରୂଢ ହୋଇଥିଲା ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ଆକ୍ରମଣ କରି ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଦକ୍ଷିଣ କାନ୍ଧ ଉପରେ ଯାହା ସାହାଯ୍ୟରେ ସେ ଧ୍ୱଜାକୁ ଧରିଥିଲେ ଖଡ଼ଗ ଦ୍ୱାରା ପ୍ରହାର କରି ତାହାକୁ କାଟି ଦେଇଥିଲା । ଏହି ଆକ୍ରମଣ ପରେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଏହି ଆୟତ ତେଲାୱତ୍ କଲେ ଯେ, وَمَا مُحَمَّدٌ إِلَّا رَسُولٌ قَدْ خَلَت مِنْ قَبْلِهِ الرُّسُلُ ଏବଂ ଧ୍ୱଜାକୁ ବାମ ହସ୍ତରେ ଧରି ପକାଇଲେ ବା ନେଲେ । ଇବ୍ନେ କ଼ିମିୟା ପୁନଶ୍ଚ ବାମ ହସ୍ତ ଉପରେ ପ୍ରହାର କରି ତାକୁ ମଧ୍ୟ କାଟି ଦେଲା । ତେବେ ମୁସଅବ୍ ର.ଅ ଦୁଇ କାନ୍ଧକୁ ହରାଇବା ସତ୍ତ୍ୱେ ନିଜ ଛାତି ସାହାଯ୍ୟରେ ଇସଲାମୀୟ ଧ୍ୱଜାକୁ ଧରିଥିଲେ । ଏହାପରେ ଇବ୍ନେ କ଼ିମାୟା ତୃତୀୟ ଥର ବର୍ଛା ଦ୍ୱାରା ପ୍ରହାର କଲା ଏବଂ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଛାତିରେ ପୋତି ଦେଲା । ତାହା ଭାଙ୍ଗି ଗଲା ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅ ଭୂମିରେ ରକ୍ତାତ ହୋଇ ପଡ଼ିଗଲେ । ଏହା ଦେଖି ଅନ୍ୟ ମୁସଲମାନ ତ୍ୱରିତ ଭାବେ ଆଗକୁ ଅଗ୍ରସର ହୋଇ ଧ୍ୱଜାକୁ ଧରି ପକାଇଲେ । କିନ୍ତୁ ମୁସଅବ୍ ର.ଅଙ୍କ ଆକୃତି ଓ ପ୍ରକୃତି ଆଁହଜ଼ରତ ସ.ଅଙ୍କ ସହିତ ସାମଞ୍ଜସ୍ୟତା ଥିଲା ତେଣୁ ଇବ୍ନେ କ଼ିମିୟା ଏହା ଭାବିଲା ଯେ, ମୁଁ ମୁହମ୍ମଦ୍ ସ.ଅଙ୍କୁ ମାରି ଦେଇଛି । ଏଣୁ ହୁଏତ ଏହା ବି ହୋଇପାରେ ଯେ, ଏହା ତା'ର ମାତ୍ର ଏଖ କୁମନ୍ତ୍ରଣାମୂଳକ ଦୁଷ୍ଟାମି ଏବଂ ବିଶ୍ୱାସଘତକତା ଉଦ୍ଦେଶ୍ୟ ରଖି ହୋଇଥିବ । ସେ ଯାହାହେଉ ନା କାହିଁକି ସେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ଶହୀଦ୍ କରି ଚିତ୍କାର କରି କହିଲା ଯେ, ମୁଁ ମୁହମ୍ମଦ ସ.ଅଙ୍କୁ ମାରି ଦେଇଛି , ନାଉଜୁ ବିଲ୍ଲାଃ । ସତରାଂ ଏହା ମଧ୍ୟ ଓହୋଦ୍ ଯୁଦ୍ଧରେ ମୁସଲମାନମାନଙ୍କର ପରାଜୟର ଏକ କାରଣ ଥିଲା । ଯାହା କି

ମୁସଲମାନମାନଙ୍କ ଉତ୍ସାହକୁ ପରାଜିତ କରିଥିଲା । କିନ୍ତୁ ପରବର୍ତ୍ତୀ ପର୍ଯ୍ୟାୟରେ ଏକତ୍ରିତ ମଧ୍ୟ ହୋଇଯାଇଥିଲେ । ଶାହାଦତ ସମୟରେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କୁ ୪୦ ବର୍ଷ କିମ୍ବା ସେଥିରୁ କିଛି ଉର୍ଦ୍ଧ୍ୱ ବୟସ ହୋଇଥିଲା ।

ରସୁଲୁଲ୍ଲାଃ ସ.ଅ ଯେତେବେଳେ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଶବ ପାଖରେ ପହଞ୍ଚିଲେ ସେତେବେଳେ ତାଙ୍କର ଶବ ତଳ ମୁହାଁ ହୋଇ ପଡ଼ିଥିଲା । ନବୀ କରୀମ୍ ସ.ଅ ତାଙ୍କ ଶବ ପାଖରେ ଛିଡ଼ା ହୋଇ ଏହି ଆୟତ ତିଲାୱତ୍ କଲେ
مِنَ الْمُؤْمِنِيْنَ رِجَالٌ صَدَقُوْامَا عَاهَدُوا اللّٰهَ عَلَيْهِ ۚ فَمِنْهُمْ مَّنْ قَضٰى نَحْبَهٗ وَمِنْهُمْ مَّنْ يَّنْتَظِرُ ۖ وَمَا بَدَّلُوْا تَبْدِيْلًا (سورة الْأَحْزَاب:୨୪) ଅର୍ଥାତ୍ ଏହି ବିଶ୍ୱାସକାରୀଙ୍କ ମଧ୍ୟରେ କେତେକ ଏପରି ଅଛନ୍ତି ଯେଉଁମାନେ ଅଲ୍ଲାଃତାଲାଙ୍କ ସହିତ କରିଥିବା ଅଙ୍ଗୀକାରକୁ ସତ୍ୟ ସାବ୍ୟସ୍ତ କରି ଦେଖାଇଥିଲେ; ସେମାନଙ୍କ ମଧ୍ୟରୁ କେତେକ ସେମାନଙ୍କ ପ୍ରତିଜ୍ଞାକୁ ପୂରଣ କରିଦେଲେ (ଅର୍ଥାତ୍ ଯୁଦ୍ଧ କରି ନିହତ ହୋଇଥିଲେ) ଏବଂ ସେମାନଙ୍କ ମଧ୍ୟରୁ ଅନ୍ୟ କେତେକ ଏପରି ଅଛନ୍ତି ଯେଉଁମାନେ ଏବେ ବି ଅପେକ୍ଷା କରୁଛନ୍ତି; ଏବଂ ସେମାନେ ନିଜ ସଂକଳ୍ପରେ କୌଣସି ଦୁର୍ବଳତା ପ୍ରକାଶ କରି ନଥିଲେ । ଏହା ପରେ ନବୀ କରୀମ୍ ସ.ଅ କହିଲେ اِنَّ رَسُوْلَ اللّٰهِ يَشْهَدُ اَنَّكُمُ الشُّهَدَاءُ عِنْدَ اللّٰهِ يَوْمَ الْقِيَامَةِ ଅର୍ଥାତ ଅଲ୍ଲାଃତାଲାଙ୍କ ବାର୍ତ୍ତାବହ ସାକ୍ଷ୍ୟ ଦେଉଛନ୍ତି ଯେ, ତୁମେମାନେ ପ୍ରଳୟ ଦିବସ ଦିନ ମଧ୍ୟ ଅଲ୍ଲାଃତାଲାଙ୍କ ନିକଟରେ ଶହୀଦ୍ ହୋଇଥିବା ଦଳରେ ସାମିଲ ଥିବେ । ପୁନଶ୍ଚ ହୁଜୁର ସ.ଅ ନିଜର ସାହାବାମାନଙ୍କୁ ସମ୍ବୋଧିତ କରି କହିଲେ ହେ ସାହାବାମାନେ ତା ନିକଟକୁ ପରିଭ୍ରମଣ କରିନିଅ ଓ ତା ଉପରେ ଶାନ୍ତି ଅବତୀର୍ଣ୍ଣ ହେବା ପାଇଁ ପ୍ରାର୍ଥନା କର । ସେହି ସତ୍ତାଙ୍କର ଶପଥ କରି କହୁଛି ଯାହାଙ୍କ ହସ୍ତ ମୁଠାରେ ମୋର ପ୍ରାଣ ବାୟୁ ରହିଛି । ଯେଉଁ ବ୍ୟକ୍ତି ଏହି ଶହୀଦ ହୋଇଥିବା ସାହାବାମାନଙ୍କ ଉପରେ ଶାନ୍ତି ଅବତୀର୍ଣ୍ଣ ହେବାର ପ୍ରାର୍ଥନା କରିବ ସେମାନେ ଉକ୍ତ ସଲାମର ଉତ୍ତରେ ଦେବେ । ହଜ଼ରତ ମିର୍ଜ଼ା ବଶୀର ଅହମଦ ସାହେବ ବର୍ଣ୍ଣନା କରନ୍ତି ଯେ, ଅଶିକ୍ଷିତ କାଳରେ ମୁସଅବ୍ ବିନ୍ ଉମୈର ର.ଅ ମକ୍କାର ଯୁବକମାନଙ୍କ ମଧ୍ୟରୁ ସୁସଜ୍ଜିତ ଏବଂ ଉତ୍କୃଷ୍ଟ ଧରଣର ପୋଷାକ ପରିଧାନ କରିଥିବା ବ୍ୟକ୍ତି ରୂପେ ପରିଗଣିତ ହେଉଥିଲେ ଏବଂ ଅତ୍ୟନ୍ତ ଆଭିଜାତ୍ୟ ପୂର୍ଣ୍ଣ ଜୀବନଯାପନ କରୁଥିଲେ । ଇସଲାମ ଧର୍ମରେ ଦୀକ୍ଷିତା ହେବା ପରେ ପରେ ତାଙ୍କର ଅବସ୍ଥାରେ ଅସାଧାରଣ ପରିବର୍ତ୍ତନ ଆସିଥିଲା ଏବଂ ଜୀବନଶୈଳୀ ସଂପୂର୍ଣ୍ଣ ରୂପେ ବଦଳି ଯାଇଥିଲା। ଏକଦା ଆଁହଜ଼ରତ ସ.ଅ ହଜ଼ରତ ମୁସଅବ ର.ଅଙ୍କ ଶରୀରରେ ଏକ ବସ୍ତ୍ର ଦେଖିଲେ, ଯହିଁରେ ଅନେକ ତାଳିପକା କନା ଲାଗିଥିଲା। ହୁଜୁର ସ.ଅଙ୍କୁ ମୁସଅବ ର.ଅଙ୍କର ଅତୀତ ମନେ ପଡ଼ିଯିବାରୁ ହୁଜୁର ସ.ଅଙ୍କ ଚକ୍ଷୁ ଅଶ୍ରୁ ଦ୍ୱାରା ପରିପୂର୍ଣ୍ଣ ହୋଇଯାଇଥିଲା। ୱହୋଦ୍ ଯୁଦ୍ଧରେ ଯେତେବେଳେ ହଜ଼ରତ ମୁସଅବ୍ ର.ଅ ବୀରଗତି ପ୍ରାପ୍ତ କଲେ ସେତେବେଳେ ତାଙ୍କ ପାଖରେ ଏତିକି ମାତ୍ର ବସ୍ତ୍ର ମଧ୍ୟ ନଥିଲା କି ଯାହା ସାହାଯ୍ୟରେ ତାଙ୍କ ଶରୀରକୁ ଆବୃତ୍ତ କରାଯାଇ ପାରିଥାଆନ୍ତା । ପାଦକୁ ଘୋଡ଼ାଇଲା ବେଳକୁ ମୁଣ୍ଡ ପୁଙ୍ଗୁଳା ହୋଇଯାଉଥିଲା ଏବଂ ମୁଣ୍ଡ ଆବୃତ୍ତ କରିବାକୁ ଚେଷ୍ଟା କରାଯାଉଥିଲା ସେତେବେଳେ ପାଦ ପୁଙ୍ଗୁଳା ହୋଇଯାଉଥିଲା। ସୁତରାଂ ଆଁହଜ଼ରତ ସ.ଅ ଆଦେଶାନୁଯାୟୀ ମୁଣ୍ଡକୁ ଘୋଡ଼ାଯାଇ ପାଦକୁ ଘାସ ଦ୍ୱାରା ଘୋଡ଼ାଯାଇଥିଲା ବା ଆବୃତ୍ତ କରି ଦିଆଯାଇଥିଲା। ହଜ଼ରତ ଅଲୀ ବିନ୍ ଅବୁ ତାଲିବ ବର୍ଣ୍ଣନା କରନ୍ତି ଯେ, ନବୀ କରୀମ୍ ସ.ଅ କହିଲେ ଯେ, ଅଲ୍ଲାଃତାଲା ପ୍ରତ୍ୟେକ ନବୀଙ୍କୁ ୭ ଜଣ ସୂଚନା ପ୍ରଦାନକାରୀ ବ୍ୟକ୍ତି ପ୍ରଦାନ କରିଛନ୍ତି କିନ୍ତୁ ସେ ମୋତେ ୧୪ ଜଣ ସୂଚନା ପ୍ରଦାନକାରୀ ପ୍ରଦାନ କରିଛନ୍ତି । ତେବେ ଆମେମାନେ କହିଲୁ ସେମାନେ କିଏ ? ହୁଜୁର ସ.ଅ କହିଲେ ସେମାନେ ହେଉଛନ୍ତି ମୋର ଦୁଇ ନାତି, ଜାଫର୍, ହମଜ଼ା, ଅବୁ ବକ୍କର୍, ଉମର୍, ମୁସଅବ୍ ବିନ୍ ଉମୈର୍, ବିଲାଲ, ସଲମାନ, ମିକ୍‌ଦାଦ୍, ଅବୁ ଜ଼ର, ଅମ୍ମାର ଏବଂ ଅବଦୁଲ୍ଲାଃ ବିନ୍ ମସଉଦ୍ ର.ଅ । ହଜ଼ରତ ଆମିର ବିନ୍ ରବିୟା ବର୍ଣ୍ଣନା କରନ୍ତି ଯେ, ତାଙ୍କ ବାପା କହୁଥିଲେ ଯେ, ମୁଁ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଠାରୁ ଏପରି କୌଣସି ବ୍ୟକ୍ତି ଦେଖି ନାହିଁ ଯିଏ ମୁସଅବ୍ ବିନ୍ ଉମୈର ର.ଅଙ୍କ ଠାରୁ ଅତ୍ୟଧିକ ପ୍ରସନ୍ନ ଚିତ୍ତ ଏବଂ ତାଙ୍କ ସହିତ କାହାରିକୁ ମତାନ୍ତର ନଥିଲା । ରସୁଲୁଲ୍ଲାଃ ସ.ଅ ଯେତେବେଳେ ୱହୋଦ୍ ଯୁଦ୍ଧ ପରେ ମଦିନାକୁ ଫେରିଲେ ସେତେବେଳେ ହୁଜୁର ସ.ଅଙ୍କୁ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ସ୍ତ୍ରୀ ହଜ଼ରତ ହମନା ବିନତ୍ ହଜଶ୍ ମିଳିଥିଲେ । ଲୋକମାନେ ତାଙ୍କୁ ନିଜର ଭାଇ ହଜ଼ରତ ଅବଦୁଲ୍ଲାଃ ବିନ୍ ହଜଶର ଶାହାଦତ୍ ସଂପର୍କରେ ସୂଚନା ଦେଇଥିଲେ । ପ୍ରତ୍ୟୁତରରେ ସେ କହିଲେ اِنَّا لِلّٰهِ وَاِنَّا اِلَيْهِ رٰجِعُوْنَ ପଢିଲେ ଏବଂ ତାଙ୍କ ପାଇଁ ଅଲ୍ଲାଃତାଲାଙ୍କ ଠାରୁ କ୍ଷମା ପ୍ରାର୍ଥନା କଲେ । ପୁନଶ୍ଚ ଲୋକମାନେ ତାଙ୍କୁ ତାଙ୍କର ମାମୁ ହଜ଼ରତ ହମଜ଼ାଙ୍କ ଶାହାଦତ୍ ସଂପର୍କରେ ସୂଚନା ଦେଲେ । ପ୍ରତ୍ୟୁତ୍ତରରେ ସେاِنَّا لِلّٰهِ وَاِنَّا اِلَيْهِ رٰجِعُوْنَପଢିଲେ ଏବଂ ତାଙ୍କ ପାଇଁ କ୍ଷମା ପ୍ରାର୍ଥନା କଲେ । ପୁନଶ୍ଚ ଲୋକମାନେ ତାଙ୍କୁ ତାଙ୍କର ସ୍ୱାମୀ ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଶାହାଦତ୍ ବିଷୟରେ ସୂଚିତ କଲେ, ପ୍ରତ୍ୟୁତ୍ତରରେ ସେ କାନ୍ଦିବାକୁ ଲାଗିଲେ ଏବଂ ଅଧୀର ହୋଇ ପଡ଼ିଲେ । ଏହା ଦେଖି ରସୁଲୁଲ୍ଲାଃ ସ.ଅ କହିଲେ ଯେ, ସ୍ତ୍ରୀ ପାଇଁ ତା' ସ୍ୱାମୀ ଏକ ବିଶେଷ ମହତ୍ତ୍ୱ ଓ ପଦମର୍ଯ୍ୟାଦା ରଖିଥାଏ ।

ହୁଜ୍ରୁର ଅନଓ୍ୱର୍ ଅ.ବ କହିଲେ: ଏଇଠି ହଜ଼ରତ ମୁସଅବ୍ ବିନ୍ ଉମୈର ର.ଅଙ୍କ ଚର୍ଚ୍ଚା ଶେଷ ହେଲା। **ଇନଶା ଅଲ୍ଲାଃ** ଆସନ୍ତା ଶୁକ୍ରବାର ପରବର୍ତ୍ତୀ ସାହିବଙ୍କର ଚର୍ଚ୍ଚା ହେବ । ବର୍ତ୍ତମାନ ମୁଁ ଆଜିକାଲି ଯେଉଁ କରୋନା ନାମକ ପ୍ରାଣଘାତକ ସଂକ୍ରାମକ ରୋଗ ବ୍ୟାପିଛି ତା' ସଂକ୍ରାନ୍ତରେ ମଧ୍ୟ ଜମାଅତକୁ ସଚେତିତ ଏବଂ ସତର୍କ କରିଦେବାକୁ ଚାହେଁ ଯେ, ଯେପରି ସରକାର ଏବଂ ସ୍ୱାସ୍ଥ୍ୟ ବିଭାଗ ପକ୍ଷରୁ ଉପଦେଶ ଜାରି କରାଯାଇଛି ଯେ, ସତର୍କ ତଥା ଯତ୍ନବାନ୍ ହୁଅନ୍ତୁ । ଆମମାନଙ୍କୁ ସମସ୍ତ ସୁରକ୍ଷିତ ପଦକ୍ଷେପଗୁଡ଼ିକୁ ଅବଲମ୍ବନ କରିବା ଉଚିତ୍ । କେତେକ ହୋମିଓପାଥି ଔଷଧ ବହୁ ପୂର୍ବରୁ ମୁଁ ଡ଼ାକ୍ତର ପରାମର୍ଶ କରି ବିହିତ କରିଅଛି । ଯାହା କି ପ୍ରାଥମିକ ସୁରକ୍ଷା ଓ ଅନ୍ୟ କେତେକ ପ୍ରାରମ୍ଭିକ ଚିକିତ୍ସା ସଦୃଶ ଅଟେ । ଏ ସଂକ୍ରାନ୍ତେ ଏହା ମଧ୍ୟ ଅତ୍ୟାବଶ୍ୟକ ଯେ, ଆପଣମାନେ ଜନବହୁଳତା ଠାରୁ ନିଜକୁ ସୁରକ୍ଷିତ ରଖନ୍ତୁ, ମସଜିଦକୁ ଆସୁଥିବା ନମାଜ୍ ପାଠକାରୀଙ୍କୁ ମଧ୍ୟ ନିଜର ସୁରକ୍ଷା ପ୍ରତି ସଚେତିତ ତଥା ସତର୍କତା ଅବଲମ୍ବନ କରିବା ଉଚିତ୍ । ଯଦି ସାମାନ୍ୟ ଜ୍ୱର ବି ଥାଏ ବା ଶରୀର ଦୁର୍ବଳ ଲାଗୁଛି କିମ୍ବା ଛିଙ୍କ କିମ୍ବା ନାସା ସ୍ରାବ ହେଉଛି ତେବେ ଦୟାକରି ମସଜିଦକୁ ଆସନ୍ତୁ ନାହିଁ । ମସଜିଦର ମଧ୍ୟ କେତେକ କର୍ତ୍ତବ୍ୟ ରହିଛି ଯେକୌଣସି ସଂକ୍ରାମକ ରୋଗର ରୋଗୀକୁ ମସଜିଦକୁ ଆସିବା ଅନୁଚିତ୍ । ପୁନଶ୍ଚ ଆଜିକାଲି ବିଶେଷ କରି ପ୍ରତ୍ୟେକ ବ୍ୟକ୍ତି ପାଇଁ ଏହା ଉଚିତ୍ ଯେ, ଛିଙ୍କିବା ବେଳେ ନିଜ ମୁହଁରେ ରୁମାଲ୍ ରଖନ୍ତୁ ଏବଂ ଆଜିକାଲି ଏଥି ନିମନ୍ତେ ଯେଉଁ ବିଶେଷ ସତର୍କତା ଅବଲମ୍ବନ କରିବା ଆବଶ୍ୟକ ଓ ଯାହାକୁ ଡାକ୍ତରମାନେ ଯେଉଁ ସତର୍କତା ଅବଲମ୍ବନ କରିବାକୁ କହିଛନ୍ତି ତାହା ହେଲା ଯେ, ନିଜର ହାତ ଏବଂ ମୁଖକୁ ପରିଷ୍କାର ରଖନ୍ତୁ । ଯଦି ହାତ ଅପରିଷ୍କାର ତେବେ ତାହାକୁ ମୁଖରେ ସ୍ପର୍ଶ କରନ୍ତୁ ନାହିଁ ଏବଂ ହାତରେ ସାନିଟାଇଜର ଲଗାଇ ରଖନ୍ତୁ କିମ୍ବା ଧୋଇବା ସମୟରେ ସାନିଟାଇଜ଼ର ବ୍ୟବହାର କରନ୍ତୁ । କିନ୍ତୁ ମୁସଲମାନମାନଙ୍କ ପାଇଁ ଯଦି ପାଞ୍ଚବେଳା ନମାଜ଼ର ନମାଜ୍ ପାଠକାରୀ ବ୍ୟକ୍ତି ଅଟେ କିମ୍ବା ଯେଉଁ ବ୍ୟକ୍ତିମାନେ ନିୟମିତ ପାଞ୍ଚଥର ୱୁଜୁ କରୁଛନ୍ତି ନାସାରେ ଜଳ ପ୍ରୟୋଗ କରି ନାସା ପରିଷ୍କାର କରୁଛନ୍ତି, ଏପରି କରିବା ଦ୍ୱାରା ନାକ ପରିଷ୍କାର ହୋଇଥାଏ ଏବଂ ଯଦି ସଠିକ୍ ରୂପେ ୱୁଜୁ କରାଯାଉଛି ତେବେ ତାହା ସ୍ୱଚ୍ଛତାର ଏକ ସର୍ବୋତ୍ତମ ସ୍ତର ଅଟେ ଯାହା କି ସାନିଟାଇଜର ଅଭାବକୁ ଦୂର କରିଦେବ । ସେ ଯାହାହେଉ ନାକାହିଁକି ଯଦି ତାହା ଭଲଭାବରେ ୱୁଜୁ କରାଯାଏ ତେବେ ତାହ ବାହ୍ୟିକ ସ୍ୱଚ୍ଛତା ଅଟେ ଏବଂ ଯେଉଁ ବ୍ୟକ୍ତି ୱୁଜୁ କରିବ ଓ ନମାଜ୍ ପଢିବ, ତେବେ ଏହା ଏକ ଆଧ୍ୟାତ୍ମିକ ସ୍ୱଚ୍ଛତାର ଏକ ମାଧ୍ୟମ ପାଲଟି ଯିବ ଏବଂ ପୁନଶ୍ଚ ଆଜିକାଲି ତ' ବିଶେଷକରି ଦୁଆର ଯଥେଷ୍ଟ ଆବଶ୍ୟକତା ରହିଛି । ତେଣୁ ଜମାଅତର ଲୋକମାନଙ୍କୁ ଏଥିପ୍ରତି ଧ୍ୟାନ ଦେବା ଉଚିତ । ମସଜିଦର କର୍ତ୍ତବ୍ୟ ନିର୍ବାହ କରିବା ସଂକ୍ରାନ୍ତରେ ମୁଁ ଚର୍ଚ୍ଚା କରିଛି, ବିଶେଷ କରି ଶୀତ ଦିନମାନଙ୍କରେ ଓ ସାଧାରଣ ଦିନମାନଙ୍କରେ ମଧ୍ୟ ମସଜିଦରେ ଆସୁଥିବା ବ୍ୟକ୍ତିମାନେ ଯେଉଁମାନେ ମୋଜା ପିନ୍ଧି ମସଜିଦକୁ ଆସୁଛନ୍ତି ସେମାନେ ପ୍ରତିଦିନ ନିଜର ମୋଜାକୁ ବଦଳ କରନ୍ତୁ ଓ ଧୁଅନ୍ତୁ । ଯଦି ମୋଜା କିମ୍ବା ପାଦରୁ ଦୁର୍ଗନ୍ଧ ଆସୁଛି ତେବେ ତାହ ସାଥିରେ ଛିଡ଼ା ହୋଇଥିବା ନମାଜ଼ ପାଠ କରୁଥିବା ବ୍ୟକ୍ତି ପାଇଁ ଅତ୍ୟନ୍ତ କଷ୍ଟଦାୟକ ଅଟେ କିମ୍ବା ଯେଉଁ ବ୍ୟକ୍ତି ପଛରେ ନମାଜ୍ ପଢୁଛି ସେ ସଜଦା କଲାବେଳେ ତା' ସମ୍ମୁଖରେ ଛିଡ଼ା ହୋଇ ନମାଜ୍ ପଢୁଥିବା ବ୍ୟକ୍ତିର ମୋଜାରୁ ଦୁର୍ଗନ୍ଧ ଦ୍ୱାରା ତାକୁ କଷ୍ଟ ଦେଇଥାଏ । ସୁତରାଂ ଏଥିପାଇଁ ସତର୍କତା ଅବଲମ୍ବନ କରିବା ଉଚିତ୍ । ଏଥିପାଇଁ ଆଁହଜ଼ରତ୍ ସ.ଅଙ୍କର ଏକ ଆଦେଶ ରହିଛି ଯେ, କୌଣସି ଦୁର୍ଗନ୍ଧମୂଳକ ବସ୍ତୁ ଯଥା ପିଆଜ, ରସୁଣ ଇତ୍ୟାଦି ସେବନ କରି ମସଜିଦକୁ ଆସିନ୍ତୁ ନାହିଁ । ବରଂ ମସଜିଦକୁ ଆସିବା ପାଇଁ ଏହି ଆଦେଶଟି ରହିଛି ଯେ, ଯେତେବେଳେ ତୁମେ ମସଜିଦକୁ ଯାଅ ତେବେ ତୁମେ ସୁଗନ୍ଧ ବଲଗାଇ ମସଜିଦକୁ ଯାଅ । କେବଳ ଏତିକି ନୁହେଁ ବରଂ ଏତେ ସତର୍କତା ଅବଲମ୍ବନ କରିବାକୁ କୁହାଯାଉଇଛି ଯେ, କଞ୍ଚା ମାଂସ ଖାଇ ମସଜିଦ ଭିତରେ ପ୍ରବେଶ କରିବା ନିଷେଧ ଅଟେ । କାରଣ ଏହା ଦ୍ୱାରା ସେଠାରେ ବସିଥିବା ବ୍ୟକ୍ତିକୁ କଷ୍ଟ ହେବ । ତେଣୁ ଏଥିପ୍ରତି ବିଶେଷ ଧ୍ୟାନ ଦେବାର ଆବଶ୍ୟକତା ରହିଛି । କିନ୍ତୁ ଏହାର ଅର୍ଥ ଏହା ନୁହେଁ ଯେ, ମସଜିଦ୍ ଆସିବା ଛାଡ଼ିଦେବେ । ନିଜର ବାହ୍ୟିକ ଅବସ୍ଥାକୁ ଅବଲୋକନ କରି ନିଜ ହୃଦୟରୁ କୌଣସି ଫତୱା ନେବା ଉଚିତ ଏବଂ ସର୍ବଦା ମନେ ରଖନ୍ତୁ ଯେ, ଅଲ୍ଲାଃତାଲା ଅନ୍ତର୍ଯ୍ୟାମୀ ଅଟନ୍ତି । ଏଣୁ ଯଦି କୌଣସି ରୋଗ ସମସ୍ୟା ରହିଛି ତେବେ ଡ଼ାକ୍ତର ସହିତ ପରାମର୍ଶ କରି ସୁନିଶ୍ଚିନ୍ତ ହୁଅନ୍ତୁ ଯେ, ଏହା କେଉଁ ପ୍ରକାରର ରୋଗ ଅଟେ । କିନ୍ତୁ ଦିନେ ଦୁଇ ଦିନ ପର୍ଯ୍ୟନ୍ତ ସଂଯମତା ଅବଲମ୍ବନ କରିବା ଉଚିତ ହୋଇଥାଏ । ପୁନଶ୍ଚ କରମର୍ଦ୍ଦନ ଦ୍ୱାରା ସଂପର୍କ ଘନିଷ୍ଠ ହୋଇଥାଏ । କିନ୍ତୁ ଆଜିକାଲି ଏହି ରୋଗ ଯୋଗୁଁ ସତର୍କତା ଅବଲମ୍ବନ କରିବା ଉଚିତ୍ । ଅଲ୍ଲାଃତାଲାଙ୍କ ଆଦେଶାବଳୀ ଉପରେ ଖ୍ରୀଷ୍ଟ ଲୋକଙ୍କୁ ଆପତ୍ତି ଥିଲା। ଯେତେବେଳେ ଆମେ କହୁଥିଲୁ ଏବଂ ଅତ୍ୟନ୍ତ ସ୍ନେହର ସହିତ କହୁଥିଲୁ ଯେ, ନାରୀ ପୁରୁଷ କରମର୍ଦ୍ଦନ କରିବା ଅନୁଚିତ । ତେବେ ସେମାନେ ବିଭିନ୍ନ ବିଭାଗ ତଥା ମନ୍ତ୍ରାଳୟରେ ତଥା ବିଭିନ୍ନ ସ୍ଥାନରେ ଯେଉଁ ବିକ୍ଷୋଭ ପ୍ରଦର୍ଶନ କରୁଥିଲେ ଓ ସେମାନେ ଅତ୍ୟନ୍ତ ରୁକ୍ଷ ବ୍ୟବହାର ପ୍ରଦାର୍ଶନ କରୁଥିଲେ । ସେ ଯାହାହେଉ ନା କାହିଁକି ଏହି ରୋଗ ଏହି ଦୃଷ୍ଟିକୋଣରୁ ସେମାନଙ୍କ ମଧ୍ୟରେ ସଂସ୍କାର ଆଣି ଦେଇଛି । ଅଲ୍ଲାଃତାଲା କରନ୍ତୁ କି ଏହି ସଂସ୍କାର ସେମାନଙ୍କୁ ଅଲ୍ଲାଃତାଲାଙ୍କ ନିକଟବର୍ତ୍ତୀ କରାଇ ସେମାନଙ୍କୁ ଅଲ୍ଲାଃତାଲାଙ୍କ ସହିତ

ପରିଚୟ କରାଉ । ଅଲ୍ଲାଃତାଲା ଭଲଭାବରେ ଜାଣନ୍ତି ଯେ, ଏହି ରୋଗ କେତେ ବ୍ୟାପିବ ଏବଂ କେତେ ମାତ୍ରାରେ ପରିବ୍ୟାପ୍ତ ହେବ । ଅଲ୍ଲାଃତାଲାଙ୍କର କ'ଣ ମନୋବାଞ୍ଛା ରହିଛି ? କିନ୍ତୁ ଏହି ରୋଗ ଅଲ୍ଲାଃତାଲାଙ୍କୁ ଅସନ୍ତୁଷ୍ଟ କରିବା ଦ୍ୱାରା ପ୍ରକଟିତ ହୋଇଛି ଏବଂ ଏହି କଳିଯୁଗରେ ଆମେମାନେ ଦେଖୁଛୁ ଯେ, ବିଭିନ୍ନ ପ୍ରକାରର ରୋଗ, ଭୂମିକମ୍ପ, ବାତ୍ୟା, ବନ୍ୟା, ମରୁଡ଼ି ହଜ଼ରତ ମସିହ୍ ମଉଦ୍ ଅ.ସଙ୍କ ଆବିର୍ଭାବ ହେବା ପରେ ଏହାର ସଂଖ୍ୟାରେ ବୃଦ୍ଧି ଘଟିଛି । ତେବେ ଅଲ୍ଲାଃତାଲାଙ୍କ ଭାଗ୍ୟର କୁପ୍ରଭାବରୁ ବର୍ତ୍ତିବା ପାଇଁ , ଅଲ୍ଲାଃତାଲାଙ୍କ ଆଡ଼କୁ ପ୍ରତ୍ୟାଗମନ କରିବା ନିତ୍ୟାନ୍ତ ଆବଶ୍ୟକ ଏବଂ ଏହି ଦିନ ଗୁଡ଼ିକରେ ପ୍ରତ୍ୟେକ ଅହମଦିକୁ ବିଶେଷ ରୂପେ ଦୁଆ ପ୍ରତି ଧ୍ୟାନ ଦେବା ଉଚିତ୍ ଏବଂ ନିଜର ଆଧ୍ୟାତ୍ମିକ ଅବସ୍ଥାକୁ ସୁବ୍ୟବସ୍ଥିତ କରିବା ପ୍ରତି ମଧ୍ୟ ଧ୍ୟାନ ଦେବା ଉଚିତ ଏବଂ ସଂସାର ପାଇଁ ମଧ୍ୟ ଦୁଆ କରିବା ଉଚିତ ଯେ, ଅଲ୍ଲାଃତାଲା ସେମାନଙ୍କୁ ମଧ୍ୟ ସତମାର୍ଗରେ ପରିଚାଳିତ ହେବା ପାଇଁ ସାମର୍ଥ୍ୟ ପ୍ରଦାନ କରନ୍ତୁ । କାରଣ ସେମାନେ ସାଂସାରିକତ୍ୱର ଜଞ୍ଜାଳ ତଥା ମୋହ ମାୟାରେ ପଡ଼ିବା ଓ ଅଲ୍ଲାଃତାଲାଙ୍କୁ ଭୁଲିବା ପରିବର୍ତ୍ତେ ନିଜର ସୃଷ୍ଟିକର୍ତ୍ତାଙ୍କୁ ଚିହ୍ନନ୍ତୁ ।

ହୁଜୁର ଅନୱର୍ ଅ.ବ କହିଲେ: ବର୍ତ୍ତମାନ ମୁଁ ନମାଜ୍ ପରେ କେତେକ ନମାଜ୍ ଯନାଜ଼ାଃ ଗାଏବ୍ ମଧ୍ୟ ପଢେଇବି ପ୍ରଥମ ଯନାଜ଼ାଃ ହେଉଛି ଅଜ଼ିଜମ୍ ତନଜ଼ିଲ୍ ଅହମଦ ବଟ, ଯିଏ ଅକିଲ୍ ଅମହଦ୍ ବଟ ସାହେବଙ୍କର ୧୧ ବର୍ଷୀୟ ସୁପୁତ୍ର ଥିଲେ । ୨୦୨୦ ମସିହା ଫେବୃୟାରୀ ମାସ ୨୭ ତାରିଖ ଦିନ ତା'ର ପଡିଶା ମହିଳା ଜଣକ ଅତ୍ୟନ୍ତ ନୃସଂଶନୀୟ ଭାବରେ ତାକୁ ହତ୍ୟା କରି ଦେଇଥିଲା ।إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ମୌଲବୀମାନଙ୍କ ଫତୱା ଯୋଗୁଁ ଅହମଦିମାନଙ୍କୁ ଯେକୌଣସି ବାହାନାରେ ହତ୍ୟା କରିବା ଅତ୍ୟନ୍ତ ସହଜ ହୋଇପଡ଼ିଛି । ତେଣୁ ଏହି ହତ୍ୟାଟି ମଧ୍ୟ ତାହାର ଜ୍ୱଳନ୍ତ ଉଦାହରଣ ଅଟେ । ତେଣୁ ଏହି ଦୃଷ୍ଟିକୋଣରୁ ମୁଁ ଉକ୍ତ ୧୧ ବର୍ଷୀୟ ବାଳକଟିକୁ ଶୁହଦାଙ୍କ ମଧ୍ୟରେ ଶାମିଲ୍ କରୁଛି । ସେ ଯେକୌଣସି କାରଣ ହୋଇଥାଉ ନାକାହିଁକି କିନ୍ତୁ ଏହା ପଛରେ ଅହମଦିୟତ ପ୍ରତି ବିଦ୍ୱେଷ ଭାବ ରହିଛି । ସ୍ୱର୍ଗତ ବାଳକ ତନଜ଼ିଲ୍ ଅହମଦ୍ ବଟ୍ ୨୦୦୯ ମସିହା ନଭେମ୍ବର ମାସ ୨୦ ତାରିଖରେ ଲାହୋର ଠାରେ ଜନ୍ମଗ୍ରହଣ କରିଥିଲେ । ସେ ୱକ୍ଫେ ନୌରେ ପବିତ୍ର ତେହରିକରେ ଅନ୍ତର୍ଭୁକ୍ତ ଥିଲା । ନିୟମିତ ନମାଜ୍ ପଢୁଥିଲା ଏବଂ ମସଜିଦ୍ ଯାଉଥିଲା। ଅଲ୍ଲାଃତାଲା ତାକୁ ନିଜର ସାମିପ୍ୟତା ପ୍ରଦାନ କରନ୍ତୁ ଏବଂ ହତ୍ୟାକାରୀଙ୍କୁ ଯଥାଶାସ୍ତି ପ୍ରଦାନ କରନ୍ତୁ ଏବଂ ତା' ପିତାମାତାଙ୍କୁ ଧୈର୍ଯ୍ୟ ଓ ଶାନ୍ତି ପ୍ରଦାନ କରନ୍ତୁ । ଦ୍ୱାତୀୟ ଯନାଜ଼ାଃ ହେଉଛି ବ୍ରିଗେଡ଼ିଏର ବଶୀର ଅହଦମ୍ ସାହେବ । ଯିଏକି ରାୱଲପିଣ୍ଡିର ପୂର୍ବତନ ଅମୀର୍ ଥିଲେ ଏବଂ ସେ ଡ଼ଃ ମୁହମ୍ମଦ୍ ଆକବର ସାହେବଙ୍କର ସୁପୁତ୍ର ଥିଲେ । ତାଙ୍କର ଫେବୃୟାରୀ ମାସ ୧୬ ତାରିଖ ଦିନ ୮୭ ବର୍ଷ ବୟସରେ ପରଲୋକ ହୋଇଯାଇଥିଲା । إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ତୃତୀୟ ଯନାଜ଼ାଃ ହେଉଛି ଡ଼. ହମିଦୁଦ୍ଦିନ ସାହେବ୍ । ଯିଏ କି ଫୈସଲାବାଦର ଅଧିବାସୀ ଥିଲେ । ୨୦୨୦ ମସିହା ଫେବୃୟାରୀ ମାସ ୨୯ ତାରିଖ ଦିନ ତାଙ୍କର ପରଲୋକ ହୋଇଯାଇଛି إِنَّا لِلّٰهِ وَإِنَّا إِلَيْهِ رَاجِعُوْنَ । ଅଲ୍ଲାଃତାଲା ସ୍ୱର୍ଗତଙ୍କ ସହିତ ଦୟାପୂର୍ଣ୍ଣ ବ୍ୟବହାର ପ୍ରଦର୍ଶନ କରନ୍ତୁ, ତାଙ୍କର ସ୍ତରକୁ ଉନ୍ନୀତ କରନ୍ତୁ, ତାଙ୍କର ପିଢୀରେ ମଧ୍ୟ ବିଶ୍ୱସ୍ତତାର ସହିତ ବୈଅତର ସଠିକ ଦାୟିତ୍ୱ ନିର୍ବାହ କରିବାକୁ ସାମର୍ଥ୍ୟ ପ୍ରଦାନ କରନ୍ତୁ । ମୁଁ ଯେପରି ପୂର୍ବରୁ କହିଛି ଏହି ସ୍ୱର୍ଗତଙ୍କର ନମାଜ୍ ଯନାଜ଼ାଃ ନମାଜ଼ ଜୁମା ପରେ ମୁଁ ପଢେଇବି ।

..................................

KHULASA KHUTBA JUMA HUZOOR ANWAR a.b.a

6th Mar 2020

..........................